# ସ୍ମୃତି

ସ୍ମୃତି ଗୋ ତୁମେ ସ୍ମୃତି ଗୋ
ନିର୍ଜନ ତୁମ ସାନ୍ନିଧ୍ୟ ପରାଣେ
ବେପଥୁ ଦିଅଇ ବିଞ୍ଚିଗୋ
ଆଶାର ପୁଲକେ ସୃଷ୍ଟି ରହିଛି ବଞ୍ଚି ଗୋ ... ।

ସ୍ମୃତି ଗୋ ତୁମେ ସୃଷ୍ଟି କରିଛ ସଂଗୀତ
ତାଜମହଲର ପ୍ରତିଟି ନିକ୍ୱଣ
ତୁମ ସଂଗୀତେ ରଞ୍ଜିତ
ସାରା ବିଶ୍ୱରେ ପ୍ରିୟ ପାଇଁ ପ୍ରିୟା ବଂଦିତ ... ।

ସ୍ମୃତି ଗୋ ତୁମେ ସ୍ମୃତି ଗୋ
ପ୍ରେମିକା ମୋ ଏକ ଅବୋଧ ନାୟିକା
ଦୁର୍ବୋଧ କବିତା ଲେଖି ଗୋ
ତା ପ୍ରେମ ସାଗରେ ମୁଁ ଏକ ଅଲୋଡ଼ା ଶୁକ୍ତି ଗୋ ... ।

ସ୍ମୃତି ଗୋ ତୁମେ ଜହ୍ନରେ ଦେଇଛ ଜୋଛନା
ଚିର ମରୁଭୂମେ ମରୀଚିକା ଦେଇ
ସୃଷ୍ଟି କରିଛ ଭର୍ତ୍ସନା
କବିରେ ଦେଇଛ ଅନ୍ତର ଭରା ବେଦନା ... ।

ସ୍ମୃତି ଗୋ ତୁମେ ଲାସ୍ୟମୟୀ ଏକ ମୂର୍ତ୍ତି ଗୋ
କୋଣାର୍କ ଦେହେ ସୃଷ୍ଟି କରିଛ
ଅଭୁଲା ଅଦେଖା କୀର୍ତ୍ତି ଗୋ
କବି ମନେ ତୁମେ ମୂର୍ତ୍ତିମୟୀ ତାର ଶକ୍ତି ଗୋ ... ।

ସ୍ମୃତି ଗୋ ତୁମେ ସ୍ମୃତି ଗୋ
ଧଉଳି ପାହାଡ଼େ ମୌନତ୍ୱ ଦେଇଛ
ଅଶୋକେ ଦେଇଛ ଶାନ୍ତି ଗୋ
ଦୟାନଦୀ ଗାଏ ଗୀତରେ ତୁମର କୀର୍ତ୍ତି ଗୋ ... ।

ସ୍ମୃତି ଗୋ ତୁମେ ଅପାସୋରା ବନ ଝରଣା
କାବ୍ୟର ସୃଜନୀ କବିରେ ଦେଇତା
ହୃଦେ ଜଗାଇଛ ଚେତନା
ସରଳ ତରଳ ପ୍ରାଣେ ଦେଇଛ ତା ଶାନ୍ତ୍ୱନା ... ।

ସ୍ମୃତି ଗୋ ତୁମେ ସ୍ମୃତି ଗୋ
ମନ ପାଇଁ ତୁମେ ଭୀମକାନ୍ତ ଛବି
ଆମ୍ଭା ପାଇଁ ଚିର ଶାନ୍ତି ଗୋ
ଶାନ୍ତିର ପଥେ ତୁମେ ସୌମ୍ୟକାନ୍ତ ମୂର୍ତ୍ତି ଗୋ ... ।

ସ୍ମୃତି ଗୋ ତୁମେ ମନ ମୋ କରିଛ ସରସ
ପ୍ରିୟାର ହିଆରୁ ତନ୍ଦ୍ରା ଚୋରାଇ
ଦେଇଛ ମଧୁର ଅଳସ
କବିର ହିଆରେ ଦେଇଛ ପ୍ରିୟାର ପରଶ ... ।

ସ୍ମୃତି ଗୋ ତୁମେ ସ୍ମୃତି ଗୋ
ତୁମକୁ ସାଇତି ରଖିପାରେ ଏକା
ପ୍ରେମମୟ ଏକ ବ୍ୟକ୍ତି ଗୋ
ପ୍ରେମିକ ପ୍ରେମିକା ଏକାନ୍ତ ନିବିଡ଼ ଶକ୍ତି ଗୋ ... ।